# NATIONAL NEWS BULLETIN (ODIA)

**4 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ୬୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଯୁବକୈନ୍ଦ୍ରିକ ପଦକ୍ଷେପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

- ଆଗାମୀ ବିଧାନସଭା ନିର୍ବାଚନ ନିମନ୍ତେ ବିହାର ଗସ୍ତ କରି ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା କଲେ ମୁଖ୍ୟ ନିର୍ବଚାନ ଆୟୁକ୍ତ

- ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଯୋଗୁଁ ସୁବିଧାଜନକ ସ୍ଥିତିରେ ପହଞ୍ଚିଛି ଯୋଗାଣ ଓ ବିତରଣ ବ୍ୟବସ୍ଥା

ଏବଂ

- ଗାଜାରେ ଥିବା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ନେଇ ହମାସ୍‌ର ନିଷ୍ପତ୍ତିକୁ ପ୍ରଶଂସା କଲେ ବିଶ୍ୱର ପ୍ରମୁଖ ନେତା

## ପିଏମ୍‌-ୟୁଥ୍‌ ସ୍କିମ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରୁ ୬୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଶିକ୍ଷା, ଦକ୍ଷତା ଏବଂ ଉଦ୍ୟୋଗ ସଂପର୍କିତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ କୌଶଳ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ପ୍ରଧାନମନ୍ତ୍ରୀ ପି.ଏମ୍‌. ସେତୁ ଯୋଜନାର ଶୁଭାରମ୍ଭ କରିଛନ୍ତି ।

**V/O (PM Yojanaye)**

ଏଥିରେ ପ୍ରାରମ୍ଭିକ ଭାବେ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହି ଯୋଜନାରେ ଦେଶର ୧ ହଜାର ଆଇ.ଟି.ଆଇ.କୁ ବିକଶିତ କରାଯାଇ ୨୦୦ଟିକୁ ହବ୍ ଆଇଟିଆଇ ଏବଂ ୮୦୦ଟିକୁ ସ୍ପୋକ୍ ଆଇଟିଆଇରେ ପରିଣତ କରାଯିବ ।

**V/O (PM IT Training)**

ଏଥିସହିତ ପ୍ରଧାନମନ୍ତ୍ରୀ ଆଜି ଦେଶର ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା  ୪୦୦ଟି ନବୋଦୟ ବିଦ୍ୟାଳୟ ଏବଂ ୨୦୦ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ୧ ହଜାର ୨୦୦ଟି ଧନ୍ଦାମୂଳକ ଦକ୍ଷତା ଲ୍ୟାବ ଆରମ୍ଭ କରିଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ବିହାରର ପୁନର୍ଗଠିତ ମୁଖ୍ୟମନ୍ତ୍ରୀ ନିଶ୍ଚୟ ସ୍ୱୟଂସହାୟତା ଭତ୍ତା ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ୫ ଲକ୍ଷ ସ୍ନାତକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ସହ ୨ ବର୍ଷ ପାଇଁ ମାସିକ ୧ ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯିବ ।

**V/O (PM Bihar)**

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଟିଆଇର ୪୬ ଜଣ ସର୍ବଭାରତୀୟ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

---

## କଫ୍ ସିରପ୍

ଦୁଇ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କାଶ ଏବଂ ଥଣ୍ଡା ଔଷଧ ଲେଖିବା କିମ୍ବା ବଣ୍ଟନ କରାଯିବ ଉଚିତ ନୁହେଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । ସାଧାରଣତଃ ୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଏଗୁଡ଼ିକ ସୁପାରିଶ କରାଯାଏ ନାହିଁ ବୋଲି ମନ୍ତ୍ରଣାଳୟ କହିଛି ଏବଂ ଏହାଠାରୁ ଯେକୌଣସି

ବ୍ୟବହାର ଉଚିତ ତଦାରଖ ସହିତ ସତର୍କତାର ସହିତ କରାଯିବା ଉଚିତ । ଏ ସଂପର୍କରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖି ମନ୍ତ୍ରଣାଳୟ ଅବଗତ କରିଥିବା ଜଣାପଡ଼ିଛି ।

## ବିହାର-ଇସିଆଇ

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଏକ ଦଳ’ ବିହାର ଗସ୍ତ କରି ଆଗାମୀ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିବା ଅବସରରେ ଆଜି ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା କରିଛନ୍ତି । ବୈଠକରେ ବିଜେପି, ଜେଡିୟୁ, କଂଗ୍ରେସ, ଆର୍‌ଜେଡି, ବାମଦଳ ଓ ଅନ୍ୟ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ସେମାନଙ୍କ ମତାମତ ଓ ମୁକ୍ତ ଏବଂ ଅବାଧ ନିର୍ବାଚନ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ବୈଠକ ପରେ ବିହାର ବିଜେପି ଅଧ୍ୟକ୍ଷ ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି ଯେ ସେ ଆସନ୍ତାମାସ ୩ କିମ୍ବା ୪ ତାରିଖ ପରେ ନିର୍ବାଚନ କରାଇବା ନେଇ ଦାବି ଉପସ୍ଥାପନ କରିଛନ୍ତି ।

ବୈଠକ ପରେ ନିର୍ବାଚନ ଆୟୋଗ ପ୍ରତିନିଧି ଦଳ, ପ୍ରଶାସନିକ ଅଧିକାରୀ ଓ ପୋଲିସ୍ ଅଧିକାରୀଙ୍କ ସହ ବୈଠକ କରୁଛନ୍ତି । ବୈଠକରେ ପ୍ରଶାସନିକ ଏବଂ ଆଇନକାନୁନ୍ ଓ ଶୃଙ୍ଖଳା ସଂପର୍କିତ ପ୍ରସ୍ତୁତି ଉପରେ ସମୀକ୍ଷା କରାଯିବ । ଏହି ବୈଠକରେ ଉପଖଣ୍ଡ କମିଶନରଙ୍କ ସମେତ ପୋଲିସ୍ ମହାନିର୍ଦ୍ଦେଶକ, ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକମାନେ ଉପସ୍ଥିତ ଅଛନ୍ତି ।

## ଟ୍ରାଇ-ଡିଜିଟାଲ ରେଡ଼ିଓ

ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ-ଟ୍ରାଇ ଘରୋଇ ରେଡ଼ିଓ ପ୍ରସାରଣକାରୀଙ୍କ ପାଇଁ ଏକ ଡିଜିଟାଲ ରେଡ଼ିଓ ପ୍ରସାରଣ ନୀତି ପ୍ରସ୍ତୁତ କରିବା ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିରେ ଏ ପ୍ଲସ ବର୍ଗରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ଓ ୯ଟି ଏ ବର୍ଗର ସହର ହାଇଦ୍ରାବାଦ, ବେଙ୍ଗାଲୁରୁ, ଅହମ୍ମଦାବାଦ, ସୁରଟ, ପୁଣେ, ଜୟପୁର, ଲକ୍ଷ୍ନୌ, କାନପୁର ଓ ନାଗପୁରରେ ଡିଜିଟାଲ ରେଡ଼ିଓ ପ୍ରସାରଣ ସେବା ଆରମ୍ଭ କରିବା ଲାଗି ସଂରକ୍ଷିତ ମୂଲ୍ୟ ବିଷୟକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଟ୍ରାଇ ପକ୍ଷରୁ କୁହାଯାଇଛି ଯେ ଡିଜିଟାଲ ରେଡ଼ିଓ ପ୍ରସାରଣ ପାଇଁ ଅନୁମୋଦନ ଅବଧି ୧୫ ବର୍ଷ ହେବା ଉଚିତ୍ । ଏହାବ୍ୟତୀତ ପ୍ରସାରଭାରତୀ ସମ୍ପୂର୍ଣ୍ଣ ପରିଚାଳନା ଖର୍ଚ୍ଚ ଆଦାୟ କରିବା ସହ ତା'ର ନିଜସ୍ୱ ଜମି, ଟାୱାର ଏବଂ ଭିତ୍ତିଭୂମି ରିହାତି ହାରରେ ଘରୋଇ ପ୍ରସାରକମାନଙ୍କୁ ଦେବା ଆବଶ୍ୟକ । ଗତବର୍ଷ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଘରୋଇ ରେଡ଼ିଓ ପ୍ରସାରକଙ୍କ ପାଇଁ ଏକ ଡିଜିଟାଲ ରେଡ଼ିଓ ପ୍ରସାରଣ ନୀତି ପ୍ରସ୍ତୁତ କରିବା ନିମନ୍ତେ ଟ୍ରାଇକୁ ଦାୟିତ୍ୱ ଦେଇଥିଲା ।

## ଜି.ଏସ୍.ଟି: କମର୍ସିଆଲ୍ ଗୁଡ୍ ଭେହିକିଲ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଘୋଷଣା କରାଯାଇଥବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ସମାଜର ସମସ୍ତ ବର୍ଗର ଲୋକଙ୍କୁ ଲାଭ ଦେଉଥିବା ଜଣାପଡ଼ିଛି । ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି । ବିଭିନ୍ନ ସେବା ଏବଂ ସାମଗ୍ରୀ ଉପରେ ଟିକସ ହ୍ରାସ ପାଇବାଦ୍ୱାରା ସାଧାରଣ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି । ବାଣିଜ୍ୟିକ ସାମଗ୍ରୀ ପରିବହନ କ୍ଷେତ୍ରରେ ବ୍ୟବହାର

ହେଉଥିବା ଯାନ ଗୁଡ଼ିକ ଉପରେ ଜିଏସଟି ହ୍ରାସ ଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀ ଗୁଡ଼ିକର ମୂଲ୍ୟ ହ୍ରାସ ଘଟିଥିବା ଜଣାପଡ଼ିଛି ।

ପରିବହନ କ୍ଷେତ୍ର ପାଇଁ ଏକ ବଡ଼ ଆଶ୍ୱସ୍ତି ସ୍ୱରୂପ କେନ୍ଦ୍ର ସରକାର ଟ୍ରକ୍ ଏବଂ ଡେଲିଭରୀ ଭ୍ୟାନ୍ ସମେତ ବାଣିଜ୍ୟିକ ସାମଗ୍ରୀ ପରିବହନ କରୁଥିବା ଯାନ ଉପରେ ଟିକସ ହ୍ରାସ କରିଛନ୍ତି । ଏହା ଦ୍ୱାରା କ୍ଷୁଦ୍ର ଏବଂ ମଧ୍ୟମ ଧରଣର ପରିବହନ ପରିଚାଳକଙ୍କ ପାଇଁ ପରିଚାଳନାଗତ ଖର୍ଚ୍ଚ ହ୍ରାସ ପାଇଛି ।

ଅନ୍ୟପକ୍ଷରେ ଦେଶ ମଧ୍ୟରେ ସାମଗ୍ରୀ ପରିବହନ ବୃଦ୍ଧି ପାଇଛି । ଜିଏସଟି ପରିଷଦ ନିଷ୍ପତ୍ତି ଅନୁଯାୟୀ ପୂର୍ବରୁ ଏହି ସବୁ କ୍ଷେତ୍ରରେ ଲାଗୁ ହୋଇଥିବା ୨୮ ପ୍ରତିଶତ ଜିଏସଟିକୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି ।

ଜିଏସ୍‌ଟି ହ୍ରାସ ପାଇବା ଦ୍ୱାରା ଯୋଗାଣ କ୍ଷେତ୍ରକୁ ମଧ୍ୟ ଲାଭ ମିଳିଛି । ଦେଶ ମଧ୍ୟରେ ରପ୍ତାନୀ ପ୍ରତିଯୋଗିତାକୁ ଏହା ଆହୁରି ବୃଦ୍ଧି କରିବ ବୋଲି କୁହାଯାଇଛି । ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାରରେ କୃଷି ସାମଗ୍ରୀ, ନିର୍ମାଣ ସାମଗ୍ରୀ, ଇସ୍ପାତ, ଦୈନନ୍ଦିନ ସାମଗ୍ରୀ ଓ ଇ-କମର୍ସ ବିତରଣ ଶସ୍ତା ହେବା ସହ ପରୋକ୍ଷରେ ଏହା ନାଗରିକଙ୍କୁ ଲାଭ ଦେଉଥିବା ମତ ପ୍ରକାଶ ପାଇଛି ।

## ରିଆକ୍ସନ-ଗାଜା ହୋଷ୍ଟେଜ୍

ଗାଜାରେ ଥିବା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ଲାଗି ନିଷ୍ପତ୍ତି ନେବା ଏବଂ ଆମେରିକା ସମର୍ଥିତ ଶାନ୍ତି ପ୍ରସ୍ତାବରେ ରାଜିହେବା ବିଷୟ ପ୍ରକାଶ ପାଇବା ପରେ ହମାସ୍‌ର ନିଷ୍ପତ୍ତିକୁ ବିଶ୍ୱର ନେତୃବୃନ୍ଦ ସ୍ୱାଗତ କରିଛନ୍ତି । ବର୍ତ୍ତମାନ ଚାଲିଥିବା ସଂଘର୍ଷରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିବ ବୋଲି କୁହାଯାଇଛି । ଇସ୍ରାଏଲ ଏବଂ ହମାସ ମଧ୍ୟରେ

ବିଂଶସୂତ୍ରୀ ଶାନ୍ତି ପ୍ରସ୍ତାବ ପରେ କୂଟନୈତିକ ସ୍ତରରେ ଆମେରିକା ରାଷ୍ଟ୍ରପତିଙ୍କ ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇଥିବା କୁହାଯାଇଛି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ କହିଛନ୍ତି, ଉଭୟ ଦେଶ ମଧ୍ୟରେ ସଂଘର୍ଷ ଶେଷ କରିବାର ଏହା  ଏକ ସଠିକ୍ ନିଷ୍ପତ୍ତି । ସେ ଆମେରିକାର ଉଦ୍ୟମକୁ ପ୍ରଶଂସା କରିବା ସହ ଗାଜାର ସାଧାରଣ ଲୋକଙ୍କ ପାଖରେ ଯେଉଁଭଳି ମାନବୀୟ ସହାୟତା ପହଞ୍ଚି ପାରିବ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଏହି ବିଷୟକୁ ପ୍ରଶଂସା କରି କହିଛନ୍ତି, ତେବେ ଅସ୍ତ୍ର ବିରତି ଏବଂ ପଣବନ୍ଦୀମାନଙ୍କୁ ମୁକ୍ତ କରିବା ଲାଗି  ପଥ ଉନ୍ମୁକ୍ତ ହୋଇଛି ।

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିଜ୍ ଏହି ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି,  ହମାସ୍ ପୂର୍ଣ୍ଣ ଭାବରେ ତା'ର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି । ବିଶ୍ୱର ଅନ୍ୟାନ୍ୟ ଦେଶର ନେତୃବୃନ୍ଦମାନେ ମଧ୍ୟ ହମାସ୍‌ର ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଦୁଇଦେଶ ମଧ୍ୟରେ ଶାନ୍ତି ସ୍ଥାପନ ହେବାର ଉପାୟ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି ।

## ୟୁପି-ବରେଲି ଆଲର୍ଟ

ଉତ୍ତରପ୍ରଦେଶର ବରେଲି ଏବଂ ଏହାର ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ପୋଲିସ୍ ସତର୍କତା ଜାରି କରିଛି । ବରେଲିର ହିଂସା ପ୍ରପୀଡ଼ିତ ଅଞ୍ଚଳକୁ ସମାଜବାଦୀ ପାର୍ଟିର ଏକ ପ୍ରତିନିଧି ଦଳ ଗସ୍ତରେ ଯାଉଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଗତମାସ ସେପ୍ଟେମ୍ବର ୨୬ ତାରିଖରେ ସେଠାରେ ଘଟିଥିବା ଗଣ୍ଡଗୋଳରେ ପୋଲିସ୍ ଏପର୍ଯ୍ୟନ୍ତ ୮୩ ଜଣ ଲୋକଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିଛି । ସେଠାକାର ସହରାଞ୍ଚଳ ପୋଲିସ୍ ଅଧୀକ୍ଷକ ମାନୁଷ ପାରିକ୍ କହିଛନ୍ତି, ଏହି ଘଟଣାରେ ପୋଲିସ୍

ତାଉକୀର୍ ରାଜାର ଗଣମାଧ୍ୟମ ବିଷୟ ବୁଝୁଥିଲା। ମୁନୀର୍ ଇଦ୍ରାସୀକୁ ପୋଲିସ୍ ଗିରଫ କରିଛି ।

ଇତିମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭାର ବିରୋଧୀ ଦଳ ନେତା ମାତା ପ୍ରସାଦ ପାଣ୍ଡେଙ୍କୁ ଲକ୍ଷ୍ନୌ ପୋଲିସ୍ ଆଜି ଗିରଫ କରିଛି । ସେ ବରେଲୀ ବାହାରକୁ ଯିବାକୁ  ଉଦ୍ୟମ କରୁଥିବା ବେଳେ ପୋଲିସ୍ ତାଙ୍କୁ ଅଟକାଇଥିବା କୁହାଯାଇଛି । ପଡ଼ୋଶୀ ଜିଲ୍ଲା ସମ୍ଭଲରେ ସମାଜବାଦୀ ପାର୍ଟି ସାଂସଦ ଜିଆଉଲ୍ ରହମାନ୍‌ଙ୍କୁ ପୋଲିସ୍ ଅଟକ ରଖିଛି । ପ୍ରଶାସନ ପକ୍ଷରୁ ସମାଜବାଦୀ ପାର୍ଟିର କୌଣସି ପ୍ରତିନିଧି ଦଳକୁ ସଂପୃକ୍ତ ଅଞ୍ଚଳ ଗସ୍ତ କରିବା ଲାଗି ଅନୁମତି ଦିଆଯାଇନଥିବା ଜଣାପଡ଼ିଛି ।

## ଜାପାନ-ନିଉ ପିଏମ୍

ଜାପାନର ଶାସକ ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟିର ନେତା ଭାବେ ସାନାଏ ତାକାଇଚି ନିର୍ବାଚିତ ହୋଇଛନ୍ତି । ଚଳିତମାସ ୧୫ ତାରିଖରେ ସେ ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବେ । ଜାପାନର ପୂର୍ବତନ ଅର୍ଥନୈତିକ ସୁରକ୍ଷା ମନ୍ତ୍ରୀ ତାକାଇଚି, କୃଷିମନ୍ତ୍ରୀ ସିଞ୍ଜିରୋ କୋଇଜୁମିଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ପରାସ୍ତ କରିଛନ୍ତି । ସିଞ୍ଜିରୋ ୧୮୫ ଖଣ୍ଡ ଭୋଟ୍ ପାଇଥିବା ବେଳେ କୋଇଜୁମି ୧୫୬ ଖଣ୍ଡ ଭୋଟ ପାଇଛନ୍ତି । ଗତମାସରେ ପ୍ରଧାନମନ୍ତ୍ରୀ ପଦରୁ ସିଗେରୁ ଇସିବାଙ୍କ ଇସ୍ତଫା ପରେ ପରବର୍ତ୍ତୀ ନେତୃତ୍ୱ ପାଇଁ ନିର୍ବାଚନ ହୋଇଥିଲା ।